# ଷଷ୍ଠ ପାଠ

## ସୁଖୀ ପରିବାର

ଥରେ ବାଘ, ସିଂହ ଓ ବିଲୁଆମାନଙ୍କ ସଭା ବସିଲା। ବାଘ କହିଲା, “ ଜଙ୍ଗଲ ତ ସଫା ହୋଇଗଲାଣି। ଆଉ ଶିକାର ମିଳୁନାହିଁ, କ’ଣ କରିବା ?” ସିଂହ କହିଲା, “ ଚାଲ, ସମସ୍ତେ ମିଶି ଶିକାର ଖୋଜିବା”। ଜଙ୍ଗଲ ଭିତରେ ଖୋଜାଖୋଜି କରୁ କରୁ ସମ୍ବରଟାଏ ମିଳିଗଲା। ସେମାନଙ୍କ ମନ ଭାରି ଖୁସି। ସେମାନେ ମାଂସକୁ ସମାନ ସମାନ ଭାଗ କଲେ। ଯେ ଯାହାର ଭାଗ ଧରି ଫେରିଲେ। ବାଘର ଛୁଆ ବୋଲି ଗୋଟେ, ହେଲେ ସିଂହର ଦୁଇଟା ଆଉ ବିଲୁଆର ଛଅଟି।



**ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।**

୧. କାହା ଛୁଆ ଭାଗରେ ବେଶୀ ମାଂସ ପଡ଼ିଥିବ ?

________________________

୨. କାହାର ଛୁଆ ସବୁଠାରୁ କମ୍ ମାଂସ ପାଇଥିବ ?

________________________

୩. କାହାର ଖାଦ୍ୟ, ଖାଇବା ପରେ ବଳି ପଡ଼ିଥିବ ?

________________________

ଚିତ୍ରଗୁଡ଼ିକୁ ଲକ୍ଷ୍ୟକର ଓ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

ଚିତ୍ର- ୧ (କ)



ଚିତ୍ର- ୧ (ଖ)



କେଉଁ ପରିବାରର ସମସ୍ତେ ସୁବିଧାରେ ଶୋଇଛନ୍ତି ଓ କାହିଁକି ?

______________________________________

______________________________________

ଚିତ୍ର- ୨ (କ)



ଚିତ୍ର- ୨ (ଖ)



କେଉଁ ପରିବାରରେ ପିଲାମାନେ ସୁବିଧାରେ ବସି ପାଠ ପଢୁଛନ୍ତି ?

______________________________________

______________________________________

ଚିତ୍ର-୩ (କ)



ଚିତ୍ର-୩ (ଖ)



ଚିତ୍ରରେ କେଉଁ ପରିବାରର ସମସ୍ତେ ଭଲ ଭାବରେ ଖାଉଛନ୍ତି ?

______________________________

______________________________

ଚିତ୍ର-୪ (କ)



ଚିତ୍ର-୪ (ଖ)



କେଉଁ ପରିବାରର ପିଲାମାନେ ଖୁସିରେ ଅଛନ୍ତି ?

______________________________

______________________________

- ପରିବାର ବଡ଼ ହେଲେ କି କି ଅସୁବିଧା ହେବ ?

  * ...............................................................................................

  * ...............................................................................................

  * ...............................................................................................

  ଛୋଟ ପରିବାରର ସୁବିଧାଗୁଡ଼ିକ ଲେଖ ।

  * ...............................................................................................

  * ...............................................................................................

  * ...............................................................................................

**ଏଥିରୁ ଆମେ କ'ଣ ଜାଣିଲେ ?**

**ପରିବାର ବଡ଼ ହେଲେ** ଲୋକମାନଙ୍କର ବସିବା, ଶୋଇବା, ପଢ଼ିବା ଓ ଖାଇବା ପାଇଁ ଜାଗାର ଅଭାବ ହୁଏ । ଖାଦ୍ୟ, ପୋଷାକ, ବହିପତ୍ର, ଔଷଧ ଇତ୍ୟାଦିର ଅଭାବ ହୁଏ । ସୁଖ ସୁବିଧା ମିଳେ ନାହିଁ । ପରିବାର ଛୋଟ ହେଲେ ପିଲାଙ୍କର ଉପଯୁକ୍ତ ଯତ୍ନ ନିଆଯାଇପାରିବ । ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଖାଦ୍ୟର ମାନ ଉନ୍ନତ ହେବ । ଫଳରେ ପରିବାରରେ ସୁଖ ଶାନ୍ତି ରହିବ । ପରସ୍ପର ମଧ୍ୟରେ ଭଲ ବୁଝାମଣା ରହିବ । ତେଣୁ ଛୋଟ **'ପରିବାର ସୁଖୀ ପରିବାର'** ।

ପରିବାରର ଲୋକ ସଂଖ୍ୟା ବଢ଼ିଲେ ଦେଶର ଲୋକ ସଂଖ୍ୟା ବଢ଼େ । ଏଥିପାଇଁ ଅଧିକ ଖାଦ୍ୟ, ବାସଗୃହ, ପୋଷାକ ଇତ୍ୟାଦି ଦରକାର ହୁଏ । ଗମନାଗମନ ପାଇଁ ଅଧିକ ବସ୍, ରେଳ ଚାଲିବା ଦରକାର ହୁଏ । ପାଠ ପଢ଼ିବା ପାଇଁ ଅଧିକ ବିଦ୍ୟାଳୟ ଓ ଚିକିତ୍ସା ପାଇଁ ଅଧିକ ଡାକ୍ତରଖାନା ଦରକାର ହୁଏ ।

ନିମ୍ନରେ କେତେକ ଉକ୍ତି ଦିଆଯାଇଛି । ସେଥିମଧ୍ୟରୁ ଯେଉଁଗୁଡ଼ିକ ଜନସଂଖ୍ୟା ବଢ଼ିଲେ ଘଟିବ ବୋଲି ଭାବୁଛ ପାଖ ବାକ୍ସରେ ଠିକ (✓) ଚିହ୍ନ ଦିଅ ।

- ଡାକ୍ତରଖାନାରେ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିବ ☐
- ଲୋକମାନେ ସୁବିଧାରେ ଯିବା ଆସିବା କରିପାରିବେ ☐
- ଖାଦ୍ୟର ଅଭାବ ହେବ ☐
- ଚାକିରି ମିଳିବ ନାହିଁ ☐
- ରହିବାକୁ ଜାଗା ମିଳିବନି ☐
- ପରିବେଶ ନଷ୍ଟ ହେବ ☐
- ଦରଦାମ୍ କମିବ ☐
- ପରିବେଶ ନିର୍ମଳ ରହିବ ☐
- ଜଙ୍ଗଲ ନଷ୍ଟ ହେବ ☐
- ଗାଡ଼ି ମଟର ସଂଖ୍ୟା ବଢ଼ିବ ☐

## ତୁମ ପାଇଁ କାମ -

ତୁମ ଅଞ୍ଚଳରେ ଥିବା ବୟସ୍କ ଗୁରୁଜନମାନଙ୍କୁ ସାକ୍ଷାତ କର । ସେମାନଙ୍କୁ ତଳେ ଲେଖାହୋଇଥିବା ପ୍ରଶ୍ନଗୁଡ଼ିକ ପଚାରି ଉତ୍ତର (ହଁ କିମ୍ବା ନା ) ଲେଖ ।

- ଆପଣଙ୍କ ସମୟରେ ବସ୍ / ରେଳରେ ବର୍ତ୍ତମାନ ଭଳି ଭିଡ଼ ହେଉଥିଲା କି ? ☐
- ଡାକ୍ତର ଦେଖାଇବା ପାଇଁ ଲମ୍ବା ଧାଡ଼ିରେ ଠିଆ ହୋଇ ବହୁତ ସମୟ ଅପେକ୍ଷା କରିବାକୁ ପଡୁଥିଲା କି ? ☐
- ହାଟ ବଜାରରେ ଏତେ ଭିଡ଼ ଥିଲା କି ? ☐
- ରାସ୍ତାରେ ଏତେ ଗାଡ଼ି ମଟର ଯିବା ଆସିବା କରୁଥିଲା କି ? ☐
- ଲୋକମାନଙ୍କ ମଧ୍ୟରେ ସହଯୋଗ ଓ ଭଲ ବୁଝାମଣା ଥିଲା କି ? ☐
- ବର୍ତ୍ତମାନ ଅପେକ୍ଷା ସେତେବେଳେ ଜଙ୍ଗଲ ଅଧିକ ଥିଲା କି ? ☐
- ସବୁ ଜିନିଷର ଦାମ ବର୍ତ୍ତମାନଠାରୁ ଅଧିକ ଥିଲା କି ? ☐
- ଗାଁରେ ଏତେ ଲୋକ ଥିଲେ କି ? ☐

ବର୍ତ୍ତମାନର ପରିସ୍ଥିତି ପାଇଁ ଆପଣ (ବାପା, ମା' / ଗୁରୁଜନ)ଙ୍କ ମତାମତ କ'ଣ ?

________________________________________

________________________________________


________________________________________

________________________________________

ଶିକ୍ଷକଙ୍କ ପାଇଁ ସୂଚନା - ପ୍ରତ୍ୟେକ ଶିକ୍ଷାର୍ଥୀ ବୟସ୍କ ଲୋକଙ୍କୁ ଉପର ଲିଖିତ ପ୍ରଶ୍ନ ପଚାରି ଉତ୍ତର ଲେଖି ଆଣିସାରିବା ପରେ ଶ୍ରେଣୀରେ ପ୍ରତ୍ୟେକଙ୍କର ଉତ୍ତରଗୁଡ଼ିକୁ ଓ ପୂର୍ବେ ଲୋକମାନେ ସୁଖ ସୁବିଧାରେ ରହିବାର କାରଣଗୁଡ଼ିକ ଶ୍ରେଣୀରେ ଆଲୋଚନା କରିବେ ।

## ଅଭ୍ୟାସ

୧. ଚିତ୍ର ଦେଖି କେଉଁ ପରିବାରକୁ ସୁଖୀ ପରିବାର କହିବ ଓ କାହିଁକି, ଲେଖ ।



______________________________________________

______________________________________________

______________________________________________

______________________________________________

୨. ଗୀତଟି ପଢ଼ି ତାହାର ନାମକରଣ କର ।

ବାପା ମାଆ ସାଥେ ଭଉଣୀ ଭାଇ, ଏଘରେ ରହିଛୁ ଆଦରପାଇ ।୧ ।,
ବାପା ମାଆଙ୍କର ସ୍ନେହଶରଧା, ମିଳିବାରେ କିଛି ନଥାଏ ବାଧା ।୨ ।
ଖିଆପିଆ କରୁ ମନମଉଜେ, ପଢ଼ାଲେଖା କାମ ଚାଲେସହଜେ ।୩ ।
ରୋଗେ ପଡ଼ି ମାଆ ନହୁଏ ଘାଣ୍ଟି, ଭୋକରେ ଶୋଷରେ ଶୁଖେନା ତଣ୍ଟି ।୪ ।
ଖୁସିରେ ସମୟ ଯାଅଇଗଡ଼ି, ସୁଖେ ଚାଲୁଥାଏ ଜୀବନ ଗାଡ଼ି ।୫ ।
ଅଭାବ ଦୁଃଖର ନଥାଏ ଡର, ଘରଟି ଆମର ସରଗପୁର ।୬ ।
ଆମର ହେଉଛି ଛୋଟ ପରିବାର, ଆମେ ହେଉଛୁ ସୁଖୀ ପରିବାର ।୭ ।

# ଆମର ଗୁରୁଜନ

- ତୁମ ପରିବାରର ସଦସ୍ୟଙ୍କ ତାଲିକା କର ।

______________ ____________________________

______________ ____________________________

- ତୁମ ପରିବାରରେ ୫୦ବର୍ଷ ବୟସରୁ ଅଧିକ ବୟସର କେତେଜଣ ସଦସ୍ୟ ଅଛନ୍ତି ?

______________________________________________________



- ଚିତ୍ର ଦେଖ ଓ ଲେଖ, ତୁମେ କେଉଁ କାମଗୁଡ଼ିକ ପସନ୍ଦ କରୁଛ ଓ କେଉଁ କାମକୁ ପସନ୍ଦ କରୁନାହଁ ।

| ପସନ୍ଦ | ପସନ୍ଦ ନୁହେଁ |
|---|---|
| ______________ | ______________ |
| ______________ | ______________ |
| ______________ | ______________ |

- ତୁମ ପାଇଁ ଓ ତୁମ ଭାଇ ଭଉଣୀଙ୍କ ପାଇଁ ମା' କ'ଣ କ'ଣ କାମ କରନ୍ତି ତାହାର ତାଲିକା କର।

________________________________________

________________________________________

- ତୁମ ବାପା ତୁମମାନଙ୍କ ପାଇଁ କି କି କାମ କରନ୍ତି ତାହାର ତାଲିକା କର।

________________________________________

________________________________________

- ତୁମେ ତୁମ ଜେଜେବାପା, ଜେଜେମାଆ, ବାପା, ମା' ଓ ଭାଇଭଉଣୀଙ୍କୁ କି କି କାମରେ ସାହାଯ୍ୟ କର ?

________________________________________

ଆମ ବାପା, ମା' ଓ ପରିବାରର ଲୋକମାନେ ଆମର ବିଭିନ୍ନ କାମ କରନ୍ତି। ଦେହ ଖରାପ ହେଲେ ଆମର ସେବାଯତ୍ନ କରନ୍ତି। ଆମର କିଛି ଅସୁବିଧା ହେବାକୁ ଦିଅନ୍ତି ନାହିଁ। ଆମେ ମଧ୍ୟ ଆମ ପିତାମାତା ଓ ଅନ୍ୟ ବୟସ୍କ ଲୋକଙ୍କ କଥା ମାନିବା ଓ ସେମାନଙ୍କର ଦେହ ଖରାପ ହେଲେ ତାଙ୍କର ସେବାଯତ୍ନ କରିବା। ତାଙ୍କର ମନଦୁଃଖ ହେଲା ଭଳି କୌଣସି କାମ କରିବା ନାହିଁ ।

(ତୁମ ପରିବାର ସଦସ୍ୟଙ୍କର ଫଟୋ ତଳେ ଲଗାଅ)

ତଳ ଲେଖାକୁ ପଢ଼ । ଯେଉଁ କାମ କରିବ ତା'ପାଖ ବାକ୍ସରେ '✓' ଚିହ୍ନ ଦିଅ ଓ ଯେଉଁ କାମ କରିବ ନାହିଁ ତା' ପାଖରେ '✗' ଚିହ୍ନ ଦିଅ ।

| | |
|---|---|
| ବସ୍‌ରେ ଗଲାବେଳେ ବୃଦ୍ଧ ଲୋକଙ୍କୁ ବସିବା ପାଇଁ ନିଜ ସିଟ୍ ଛାଡ଼ିଦେବା ☐ | ବୁଢ଼ା ବାପାମା'ଙ୍କ କଥା ନମାନିବା ☐ |
| ବାପା ଓ ମା'ଙ୍କୁ ବିଭିନ୍ନ କାମରେ ସାହାଯ୍ୟ କରିବା ☐ | ଘରକୁ ଅତିଥି ଆସିଲେ ତାଙ୍କୁ ନମସ୍କାର କରି ବସିବାକୁ କହିବା ☐ |
| ବୟସ୍କ ଲୋକଙ୍କୁ ସମ୍ମାନ ଦେବା ☐ | |
| ପରିବାରରେ ଜଣଙ୍କର ଦେହ ଖରାପ ହେଲେ ତାଙ୍କୁ ଔଷଧ ଓ ଖାଦ୍ୟ ଠିକ୍ ସମୟରେ ଦେବା ☐ | ବୁଢ଼ା ଲୋକଙ୍କର କଥାକୁ ଧୈର୍ଯ୍ୟର ସହ ଶୁଣିବା ☐ |
| ବୟସ୍କମାନେ ମନାକରୁଥିବା କାମକୁ କରିବା ☐ | ବଡ଼ ଲୋକଙ୍କ ସହିତ ଅଯଥା ଯୁକ୍ତି କରିବା ☐ |
| ଗୁରୁଜନଙ୍କୁ ବାହାରେ ଦେଖିଲେ ନମସ୍କାର କରିବା ☐ | ଜେଜେମା'ଙ୍କ ହାତଧରି ତାଙ୍କୁ ବୁଲାଇ ନେବା ☐ |

## ଅଭ୍ୟାସ

**ତୁମେ କ'ଣ କରିବ ?**

୧. ତୁମ ଜେଜେମା'ଙ୍କର ଦେହ ଖରାପ ହେଲେ –

_______________________________

୨. ତୁମ ଘରକୁ ଅତିଥି ଆସିଲେ –

_______________________________

୩. ତୁମକୁ ବାପା ଟେଲିଭିଜନ୍ ଦେଖିବାକୁ ମନା କଲେ –

_______________________________

# ଆଖି ଖୋଲିଲା

ରାମପୁର ଗାଁରେ ଅନିଲ ବାବୁଙ୍କ ଘର । ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ । ସେମାନେ ହେଲେ ହରିଶ ଓ ହୀରା । ହରିଶ ଓ ହୀରାଙ୍କର ଜେଜେମା' ମଧ୍ୟ ତାଙ୍କ ସାଙ୍ଗରେ ରହନ୍ତି । ବୁଢ଼ୀ ମାଆ ପୁରୁଣାକାଳିଆ ଲୋକ । ପସନ୍ଦ କରନ୍ତି ନାହିଁ ହୀରାର ପାଠପଢ଼ାକୁ । ମାଆାଙ୍କ ଅଣ୍ଟା ଅବସ୍ଥା ବି ଭଲ ନୁହେଁ । ତେଣୁ ସକାଳୁ ଉଠି ଦଶ ବର୍ଷର ଝିଅ ହୀରା ଦାଣ୍ଡଠାରୁ ବାଡ଼ି ପର୍ଯ୍ୟନ୍ତ ଝାଡୁ କରେ । ମାଆ ରୋଷେଇ ଘରକୁ ଯିବା ପୂର୍ବରୁ ବାସନ ମାଜି ପାଣି ଆଣି ରଖିଦିଏ । ଏତକ କାମ ସରିଲେ ସେ ସାନଭାଇ ହରିଶକୁ ଉଠାଇ ତା କଥା ବୁଝେ । ମାଆ ହରିଶକୁ କ୍ଷୀର ଗିଲାସେ ଦିଅନ୍ତି । ହୀରା ପାଇଁ କିନ୍ତୁ କ୍ଷୀର ଗିଲାସେ ସ୍ୱପ୍ନ । ମାଆ, ଜେଜେମାଆ କହନ୍ତି, ଝିଅ ପିଲାଙ୍କ ପାଇଁ ଏସବୁ ଦରକାର ନାହିଁ । ହରିଶ ଗରମ ଭାତ, ଡାଲି, ତରକାରୀ ଖାଇ ବିଦ୍ୟାଳୟକୁ ଯାଏ । ହେଲେ ହୀରା ଖାଏ ପଖାଳଭାତ ସହ ବାଇଗଣ କିମ୍ବା ଆଳୁ ପୋଡ଼ାଟିଏ । ସେଥିରେ ବି ହୀରାର କିଛି ଆପତ୍ତି ନଥାଏ । କାରଣ ସେ ଭାବେ କିଛି କହିଲେ କାଳେ ତା ବୁଢ଼ୀମାଆ ତା ପାଠପଢ଼ାଟି ବନ୍ଦ କରିଦେବେ । ସ୍କୁଲରୁ ଫେରି ହରିଶ ଖାଇଦେଇ ଖେଳିବାକୁ ଯାଏ, କିନ୍ତୁ ହୀରା ଯାଏ ରୋଷେଇ ଘର ସଫା କରିବାକୁ । ଘରକୁ ଯାହା ଭଲ ଜିନିଷ ଆସେ ଆଗ ଖାଇବ ହରିଶ, ଯଦି ବଳେ ତେବେ ହୀରାକୁ ମିଳେ । ଏସବୁ ସତ୍ତ୍ୱେ ବି ହୀରା ସବୁ କାମଦାମ ସାରି ନିଜ ପାଠପଢ଼ା ପ୍ରତି ନଜର ଦିଏ ।



ଦିନକର ଘଟଣା । ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ । ତେଣୁ ଗୁରୁଜୀ ହରିଶ ଓ ହୀରାଙ୍କର ବାପା ମାଆାଙ୍କୁ ନିମନ୍ତ୍ରଣ କରିଥାନ୍ତି । ସନ୍ଧ୍ୟାବେଳେ ହରିଶ ଓ ହୀରା ସହିତ ବାପା, ମାଆ ଓ ଜେଜେମା' ସମସ୍ତେ ଗଲେ ବିଦ୍ୟାଳୟର ଉତ୍ସବ ଦେଖିବାକୁ । ଅତିଥିଙ୍କ ଭାଷଣ ସରିଲା ପରେ ପୁରସ୍କାର ବିତରଣ କରାଗଲା । ହୀରାର ନାଁ ଡାକି ଶିକ୍ଷକ, ଶ୍ରେଣୀରେ ପ୍ରଥମ ହେଉଥିବାରୁ, ଶୃଙ୍ଖଳା ରକ୍ଷା କରୁଥିବାରୁ ଓ ଭଲ ନେତୃତ୍ୱ ନେଉ ଥିବାରୁ ଗୋଟିଏ ପରେ ଗୋଟିଏ ତିନୋଟି ପୁରସ୍କାର ବଢ଼ାଇଦେଲେ । ସମସ୍ତେ ହୀରାର ଖୁବ୍ ପ୍ରଶଂସା କଲେ ଓ ପଡ଼ୋଶୀମାନେ ମଧ୍ୟ ହୀରାକୁ ବହୁତ ପ୍ରଶଂସା କଲେ । ସେତେବେଳକୁ ହୀରା ବାପା ମା'ଙ୍କ ମୁଣ୍ଡ ତଳକୁ ହୋଇଗଲା । ନିଜ ଭୁଲ

ସେମାନେ ବୁଝିପାରିଲେ । ସେହି ଦିନ ଠାରୁ ଅନିଲ ବାବୁଙ୍କ ଘରକୁ ଯାହା ଆସିଲା ହରିଶ ଓ ହୀରାଙ୍କୁ ସମାନ ଭାବରେ ଦିଆଗଲା । ଜେଜେମା' ମଧ୍ୟ ହୀରାର ପାଠପଢ଼ାକୁ ପସନ୍ଦ କଲେ । ମାଆ ଓ ଜେଜେମା' ମିଶି ଘର କାମ କଲେ । ହୀରାକୁ ଏବେ ବହୁତ ସମୟ ମିଳିଲା ପାଠ ପଢ଼ିବାକୁ ।

ଉପରୋକ୍ତ ଗପ ଭଳି ଆମ ସମାଜରେ ପୁଅ ଝିଅ ମଧ୍ୟରେ ବାଛବିଚାର ବହୁକାଳରୁ ଅଛି । ଅନେକ ପରିବାରରେ ବାପା ମାଆମାନେ ଝିଅମାନଙ୍କ ଅପେକ୍ଷା ପୁଅମାନଙ୍କର ପାଠପଢ଼ା ଓ ଖେଳକସରତ ପ୍ରତି ଅଧିକ ଧ୍ୟାନ ଦିଅନ୍ତି । ଝିଅକୁ ଘରକାମରେ ଲଗାଇ ପୁଅକୁ ଉଚ୍ଚଶିକ୍ଷା ପାଇଁ ବାହାରକୁ ପଠାନ୍ତି । ଏହାଫଳରେ ଝିଅମାନଙ୍କର ଉନ୍ନତି ହୋଇପାରେ ନାହିଁ । କିନ୍ତୁ କେତେକ ଝିଅ ବଡ଼ ହୋଇ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛନ୍ତି । ଆଜିକାଲି ଅନେକ ପରୀକ୍ଷାରେ ପୁଅମାନଙ୍କ ଅପେକ୍ଷା ଝିଅ ଅଧିକ ଭଲ କରୁଛନ୍ତି ।

ତଳେ କେତେକ ମହିଳାଙ୍କ ନାମ ଦିଆଯାଇଛି, ସେମାନେ କେଉଁ କେଉଁ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛନ୍ତି ପଚାରି ବୁଝି ଲେଖ । ଏହି ତାଲିକାରେ ଆଉ କେତେକଙ୍କ ନାମ ଯୋଡ଼ ।

| | | | |
|---|---|---|---|
| ୧. | ରାଣୀ ଲକ୍ଷ୍ମୀବାଈ ............................ | ୨. | କଳ୍ପନା ଚାୱ୍ଲା ............................ |
| ୩. | ସରୋଜିନୀ ନାଇଡୁ.......................... | ୪. | କିରଣ ବେଦୀ ............................ |
| ୫. | ମ୍ୟାଡ଼ମ୍ କ୍ୟୁରୀ ............................. | ୬. | ପି.ଟି. ଉଷା ............................ |
| ୭. | ପଦ୍ମିନୀ ରାଉତ ............................. | ୮. | ବଚ୍ଛେନ୍ଦ୍ରି ପାଲ ............................ |
| ୯. | ଇନ୍ଦିରା ଗାନ୍ଧୀ ............................... | ୧୦. | ନନ୍ଦିନୀ ଶତପଥୀ......................... |
| ୧୧. | ____________ .......................... | ୧୨. | ____________ ...................... |

ଏଥିରୁ ଆମେ ଜାଣିଲେ ସୁବିଧା ଓ ସୁଯୋଗ ପାଇଲେ ଝିଅମାନେ ମଧ୍ୟ ପୁଅଙ୍କ ଭଳି ସବୁ କ୍ଷେତ୍ରରେ ଉନ୍ନତି କରିପାରିବେ । କୌଣସି ଗୁଣରେ ପୁଅମାନଙ୍କଠାରୁ ଝିଅମାନେ କମ୍ ନୁହଁନ୍ତି । ପୁଅ ଓ ଝିଅ ଉଭୟଙ୍କୁ ପଢ଼ିବା ପାଇଁ ଓ ସବୁ ପ୍ରକାର ଜୀବିକା ପାଇଁ ସମାନ ସୁବିଧା ସୁଯୋଗ ଦିଆଯିବା ଆବଶ୍ୟକ ।

ପୁଅ ଝିଅଙ୍କ ମଧ୍ୟରେ ବାଛବିଚାର ଦେଶର ଉନ୍ନତି ପଥରେ ବାଧା ସୃଷ୍ଟି କରୁଛି । ତେଣୁ ପରିବାରରେ ପୁଅଝିଅଙ୍କ ମଧ୍ୟରେ ବାଛବିଚାର ବନ୍ଦ କରି ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ଦେବା ପାଇଁ ସରକାର ମଧ୍ୟ **ଆଇନ୍** କରିଛନ୍ତି ଓ **ମହିଳା କମିଶନ** ଗଠନ କରିଛନ୍ତି ।

ତଳେ କେତେଗୁଡ଼ିଏ ଉକ୍ତି ଦିଆଯାଇଛି । ତୁମେ ଯେଉଁ ଉକ୍ତି ସହିତ ଏକମତ ତା'ପାଖରେ ଠିକ୍ '✓' ଚିହ୍ନ ଦିଅ ।

(କ) ଘରେ

୧. ପୁଅ ଝିଅ ଉଭୟଙ୍କୁ ସମାନ ଖାଦ୍ୟ ଦେବା ☐

୨. ଉଭୟ ପୁଅଝିଅଙ୍କୁ ଆବଶ୍ୟକ ପାଠ ଉପକରଣ ଯୋଗାଇଦେବା ☐

୩. ଦେହ ଖରାପ ହେଲେ ପୁଅ ଝିଅ ଉଭୟଙ୍କୁ ଚିକିତ୍ସା ଯୋଗାଇଦେବା ☐

୪. ପର୍ବ ପର୍ବାଣିରେ ଉଭୟଙ୍କ ପାଇଁ ନୂଆ ପୋଷାକ କିଣିବା ☐

୫. ନିଜ ନିଜର ଆଗ୍ରହଥିବା କାର୍ଯ୍ୟରେ (ଗୀତ/ନାଚ/ଖେଳ) ଇତ୍ୟାଦିରେ ଅଂଶ ଗ୍ରହଣ ପାଇଁ ସମାନ ସୁଯୋଗ ଦେବା ☐

୬. ଉଭୟଙ୍କୁ ବିଭିନ୍ନ ଜାଗାକୁ ବୁଲାଇବାକୁ ନେବା ☐

୭. ବିଭିନ୍ନ ଘର କାମରେ ଯଥା, ଘର ସଜାଡ଼ିବା... ଇତ୍ୟାଦି ଉଭୟଙ୍କୁ ସମାନ କାମ ଦେବା । ☐

(ଖ) ବିଦ୍ୟାଳୟରେ

୧. ପୁଅଝିଅଙ୍କୁ ଏକାଠି ବସିବାକୁ ଦେବା । ☐

୨. ଦଳଗତ ଶିକ୍ଷଣ କାର୍ଯ୍ୟରେ ପୁଅ ଝିଅମାନଙ୍କୁ ଏକାଠି ବସି କାମ କରେଇବା । ☐

୩. ବିଦ୍ୟାଳୟ ପରିମଳ କମିଟିରେ ପୁଅଝିଅ ମିଶି ରହିବା । ☐

୪. ବିଦ୍ୟାଳୟରେ ପୂଜା / ଜାତୀୟ ଉତ୍ସବ, ବାର୍ଷିକ ଉତ୍ସବ ପାଳନ ସମୟରେ ସବୁକାମ ପୁଅଝିଅ ମିଶି କରିବା । ☐

୫. ପୁଅଝିଅ ଉଭୟ ଶ୍ରେଣୀ କକ୍ଷ ଓଳାଇବା । ☐

**ଶିକ୍ଷକ ପାଇଁ ସୂଚନା** – ପିଲାମାନେ ପ୍ରତ୍ୟେକ ଉକ୍ତିରେ ଠିକ (✓)ଚିହ୍ନ ମାରିବା ପରେ ଶିକ୍ଷକ ପ୍ରତ୍ୟେକ ଉକ୍ତିପାଇଁ କେତେଜଣ ରାଜି ଓ କେତେଜଣ ଅରାଜି ଗଣି କଳାପଟାରେ ଲେଖିବେ । ଅରାଜି ପାଇଁ ଆଲୋଚନା କରିବେ । ବାଛ ବିଚାର ନ ରହିବା ପାଇଁ ଘରେ, ବିଦ୍ୟାଳୟରେ ଓ ଅନ୍ୟ ସାମାଜିକ ପରିସ୍ଥିତିରେ ପିଲାମାନେ କି କି ପଦକ୍ଷେପ ନେବେ ସେ ବିଷୟରେ ଆଲୋଚନା କରିବେ । ଯେପରି ପୁଅମାନେ କହିବେ ମୋତେ ଯାହା ଦିଆଯାଇଛି ମୋ ଭଉଣୀକୁ ମଧ୍ୟ ତାହା ଦିଆଯାଉଛି । ଝିଅପିଲାମାନେ ମଧ୍ୟ ନିଜର ଅଧିକାର ଦାବି କରିବା ଉଚିତ ।

## ଅଭ୍ୟାସ

୧. ତୁମ ଅଞ୍ଚଳରେ ଭଲ ପାଠ ପଢ଼ି, ଭଲ ଖେଳି ବା ଭଲ କାମ କରି ନାଁ' କରିଥିବା କେତୋଟି ଝିଅଙ୍କ ନାମ ଲେଖ ।

________________________________________

୨. ତୁମ ଘରେ ଓ ବିଦ୍ୟାଳୟରେ ପୁଅଝିଅ ବାଛବିଚାର ବନ୍ଦ କରିବା ପାଇଁ କି କି ସ୍ଲୋଗାନ୍ ଲେଖି ଲଗାଇବ ସେଗୁଡ଼ିକ ଲେଖ ।

____________________ ____________________

____________________ ____________________




**ତୁମ ପାଇଁ କାମ -**

ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଓ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ଫଟୋ ସଂଗ୍ରହ କରି ଖାତାରେ ଲଗାଅ । ସେମାନଙ୍କ ନେତୃତ୍ୱ ବିଷୟରେ ଲେଖ ।



# ନୁହେଁ ମୁଁ ଶ୍ରମିକ











ଉପରୋକ୍ତ ଚିତ୍ରଗୁଡ଼ିକୁ ଦେଖ ଓ ପିଲା କରୁଥିବା କେଉଁ କାମଗୁଡ଼ିକ ତୁମକୁ ଭଲ ଲାଗୁଛି ଓ କେଉଁଗୁଡ଼ିକ ଭଲ ଲାଗୁନାହିଁ, ତାଲିକା କର।

| ଭଲ ଲାଗୁଥିବା କାମ | | ଭଲ ଲାଗୁ ନଥିବା କାମ | |
|---|---|---|---|
| ............... | .................. | ............... | .................. |
| ............... | .................. | ............... | .................. |
| ............... | .................. | ............... | .................. |

- ଏହି କାମଗୁଡ଼ିକ ମଧ୍ୟରୁ ତୁମ ବୟସର ପିଲାଟିଏ କେଉଁଗୁଡ଼ିକ କରିବା ଉଚିତ୍ ଓ କାହିଁକି ?

- କେଉଁ କାମରେ ପିଲାଙ୍କୁ ନିୟୋଜିତ ନ କରିବା ଉଚିତ ଓ କାହିଁକି ?

- **ପାଠ ପଢ଼ିବା ପ୍ରତ୍ୟେକ ଶିଶୁର ଅଧିକାର ।**
- **୧୪ ବର୍ଷରୁ କମ୍ ବୟସର ପିଲାଙ୍କୁ ଶ୍ରମିକ ଭାବରେ ଖଟାଇବା ଦଣ୍ଡନୀୟ ଅପରାଧ ।**

## ଅଭ୍ୟାସ

୧. ତୁମ ଅଞ୍ଚଳରେ ତୁମ ବୟସର ପିଲା ପାଠ ନ ପଢ଼ି ଶ୍ରମିକ ଭାବେ କାମ କରୁଥିବାର ଦେଖିଲେ ତୁମେ କ'ଣ କରିବ ?

୨. କେତେ ବର୍ଷରୁ କମ୍ ବୟସର ପିଲା କାମ କରିବା ଦଣ୍ଡନୀୟ ଅପରାଧ ?

୩. ଛୋଟ ପିଲାମାନଙ୍କୁ କାହିଁକି ରୋଜଗାର ପାଇଁ କାମରେ ଲଗାଇବା ନାହିଁ ?



### ତୁମ ପାଇଁ କାମ -

୧. ତୁମ ଗାଁ' / ସାହିର କେଉଁ କେଉଁ ପିଲାମାନେ ପାଠ ନ ପଢ଼ି କାମ କରୁଛନ୍ତି ପଚାରି ତାହାର ତାଲିକା କର ।

୨. ସମ୍ବାଦପତ୍ରରୁ ବାଳଶ୍ରମିକଙ୍କ ବିଷୟରେ ବାହାରୁଥିବା ଖବରଗୁଡ଼ିକ କାଟି ଡ୍ରଇଙ୍ଗ୍ ସିଟ୍‌ରେ ଅଠାରେ ଲଗାଇ ତୁମ ଶ୍ରେଣୀରେ ଟାଙ୍ଗ ।

